# ଓଡ଼ିଆ
# ODIA
# (305)
## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

ପୂର୍ଣ୍ଣ ସଂଖ୍ୟା : ୨୦

ଟିପ୍ପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ନିର୍ଦ୍ଧାରିତ ମୂଲ୍ୟାଙ୍କ ଏହାର ଡାହାଣ ପାର୍ଶ୍ୱରେ ସୂଚିତ କରାଯାଇଅଛି ।

(ଖ) ଉତ୍ତର ପୁସ୍ତିକାର ପ୍ରଥମ ପୃଷ୍ଠାର ଉପର ଅଂଶରେ ନିଜର ନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟ ସ୍ୱଷ୍ଟଭାବରେ ଲେଖ ।

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ - ୬୦ ଶବ୍ଦ ମଧ୍ୟରେ ଦିଅ ।** (୨)

(କ) ସତ୍ୟତା ଥାଉ କି ନଥାଉ ଭୂତମାନେ କଣ କରନ୍ତି ଜାଣିବାକୁ ଆଗ୍ରହ ଯେତିକି ଭୟ ବି ସେତିକି ଥାଏ – ନିଜ ଅଭିଜ୍ଞତାରୁ ବର୍ଣ୍ଣନା କର । (ପାଠ ୪ ଦେଖ)

(ଖ) ଘରଠୁ ଦୂରରେ ରହି ମାଟି ଗୋଡ଼ି ପଥର ବୋହିବୋହି ପଥର ଜୀବନ ବଞ୍ଚୁଥିବା କୁଲିମଣିଷର ଜୀବନ ଚିତ୍ର ଆକଳନ କର । (ପାଠ ୧ ଦେଖ)

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦-୬୦ ଶବ୍ଦ ମଧ୍ୟରେ ଦିଅ ।** (୨)

(କ) ଅତୀତର ଭୁଲକୁ ସଂଶୋଧନ କରିପାରିଲେ ସୁଦୃଢ଼ ହେବ ବର୍ତ୍ତମାନ ଓ ଭବିଷ୍ୟତ ହେବ ଉଜ୍ଜ୍ୱଳମୟ । ଉତ୍କଳର ଅତୀତ ଓ ବର୍ତ୍ତମାନକୁ ନେଇ ଭବିଷ୍ୟତ ଆକଳନ କର । (ପାଠ ୧୨ ଦେଖ)

(ଖ) ସମସ୍ତଙ୍କ ଜୀବନ ସହିତ ଗ୍ରାମପଥର ସଂପର୍କ ନିବିଡ଼ ଓ ସ୍ମୃତି ବି ଜଡ଼ିତ । ଆଲୋଚନା କର । (ପାଠ ୧୫ ଦେଖ)

**୩. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦-୬୦ଶବ୍ଦ ମଧ୍ୟରେ ଦିଅ ।** (୨)

(କ) ଗୁରୁଜନମାନଙ୍କର ଉପଦେଶ ଦେବତାଙ୍କ ଆଶୀର୍ବାଦ ସଦୃଶ । ମାନିନେଲେ ଜୀବନରାସ୍ତା ହୁଏ ନିଷ୍କଣ୍ଟକ – ଉଦାହରଣ ଦେଇ ସତ୍ୟତା ବିଚାର କର । (ପାଠ ୧୧ ଦେଖ)

(ଖ) ସୁଗନ୍ଧିତ ସଂକ୍ଷିପ୍ତ ଜୀବନ, ପୂତିଗନ୍ଧମୟ ଦୀର୍ଘ ଜୀବନ ଅପେକ୍ଷା ଶ୍ରେୟସ୍କର – ଆଲୋଚନା କର । (ପାଠ ୧୪ ଦେଖ)

**୪. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଦିଅ ।** (୪)

(କ) ସାଂପ୍ରତିକ ସମାଜ ଦୃଷ୍ଟିରେ ନାରୀ – ପର୍ଯ୍ୟାଲୋଚନା କର । (ପାଠ ୭ ଦେଖ)

(ଖ) ବିଶ୍ୱପରିବେଶ ବିକାଶ ଓ ବିନାଶ ପାଇଁ କେବଳ ମଣିଷ ଦାୟୀ – ସତ୍ୟତା ବିଚାର କର । (ପାଠ ୯ ଦେଖ)

**୫. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ଟି ଶବ୍ଦ ମଧ୍ୟରେ ଦିଅ । (୪)**

(କ) ଉତ୍କଳର ଅତୀତକୁ ନେଇ ଆମେ କାହିଁକି ଗର୍ବ କରିବା – ଉଦାହରଣ ସହ ବର୍ଣ୍ଣନା କର । (ପାଠ ୧ ଦେଖ)

(ଖ) ମଣିଷ ଭଳି ଦେଖାଯାଉଥିବା ସମସ୍ତେ ମଣିଷ ନୁହଁନ୍ତି କିପରି ? ଆଲୋଚନା କର । (ପାଠ ୫ ଦେଖ)

**୬. ନିମ୍ନ ଲିଖିତ ପ୍ରକଳ୍ପ ମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)**

(କ) ଟି.ଭି., କମ୍ପ୍ୟୁଟର ଓ ମୋବାଇଲ ଆମ ସାଂସ୍କୃତିକ ଓ ଆଧ୍ୟତ୍ମିକ ଜୀବନକୁ ପ୍ରଭାବିତ କରୁଛି । ବ୍ୟବହାର ଓ ଅପବ୍ୟବହାର ଅବା ଉପଯୋଗ ଓ ଦୁରୁପଯୋଗ ଭିତ୍ତିରେ ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ ୬ ଦେଖ)

(ଖ) ଚରିତ୍ର ଗଠନରେ ପୌରାଣିକ ସତ୍ୟବଦ୍ଧ ଓ ଧାର୍ମିକ ଚରିତ୍ର ମାନଙ୍କ ଜୀବନ ବେଶ୍ ଉପଯୋଗୀ । ଏହି ଆଧାରରେ ତୁମ ଜୀବନରେ ପ୍ରଭାବ ପକାଇଥିବା ଚରିତ୍ରଙ୍କୁ ନେଇ ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ ୮ ଦେଖ)

□□□